କାବ୍ୟକୃତି - ଗୀତି କବିତା

# ବାବୁ ହେ

କବି ରଘୁନାଥ ଦାସ

ବାବୁ ହେ, ପଡ଼ିଲାଣି ଏବେ ଧରା

ତୁମ ସ୍ୱାଧୀନତା ଧୋକାବାଜି କଥା

ଧରମକୁ ଆଖିଠରା ।୦ ।

ଆମେ ତ ଭାରତ ଜନସାଧାରଣ

ବିଲାତି ବଣିକ ଶୋଷଣ କଷଣ

ଲୋପ କରିବାକୁ ତେଜିଥିଲୁ ରଣ

(ତୁମେ) ବଇରି ସାଥିରେ କରିଛ ସାଲିସ,

ପଛରୁ ମାରୁଛ ଛୁରା ।୧ ।

ଚାହା ବଗିଚାରେ ଆମେ ମରୁ ସଡ଼ି

ଉଣା ନ ହୋଇବ ଗୋରାଙ୍କ କଉଡ଼ି

ତୁଣ୍ଡ ଫିଟାଇଲେ ହାତେ ପଡ଼େ ବେଡ଼ି

ବ୍ରିଟିଶ ପୁଞ୍ଜିକି ସ୍ୱଦେଶୀ କୁଢା ଗୋ

ଜଗିଛି କଡ଼ା ପହରା ।୨ ।

ରେଳବାଇ କୁଲି ଦରମା ଚାଳିଶ

www.jatayu.org

# ବାବୁ ହେ

କବି ରଘୁନାଥ ଦାସ

ଅମୂଲ ମୂଲ ତା ଯାବତ ଜିନିଷ

ଆମ ଗୁହାରି କି ସାଇତା ପୁଲିସି

କମ୍ପାନୀକୁ ଦିଅ ପଚିଶ କୋଟି ତ

ଆମକୁ କରି ଲଙ୍ଗଳା ।୩ ।

କଳା ଆଇନର ନାଗ ଫାଶ ଛନ୍ଦି

ବୀର ବଇଷ୍ଣବ ଗାରଦରେ ବନ୍ଦୀ

ମନି ଗୁହ ହେଲା ସ୍ୱାଧୀନତା ନନ୍ଦୀ

ଗାନ୍ଧୀଧ୍ୱଜା ଧରି ଯେତେ ଜୁଆଚାରୀ ସବୁରି ଚିପୁଛ ଗଳା ।୪ ।

ଆମେ ଖେତଚାଷୀ ରହୁ ଉପବାସେ

ବେଛପରି ଚାଳ ନିଲାମ ବାଉଁଶେ

ବାଇନାଚ ମଜା ରଜାଙ୍କ ଉଆସେ

ବାଜି ରକ୍ତଖିଆ ଢ଼ଙ୍କାନାଳ ଗୋଜା

ଆମକୁ କରିଛି ଶଳା ।୫ ।

www.jatayu.org